# କଟକ ମହାନଗର ନିଗମ ସ୍ୱତନ୍ତ୍ର ବୈଠକର ବିବରଣୀ

**ତା. ୦୩.୦୧.୨୦୨୨ ରିଖ , ସମୟ : ଅପରାହ୍ନ - ୦୩.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୦୩.୦୧.୨୦୨୨ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ବୈଠକ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ପ୍ରଶାସକ ଶ୍ରୀଯୁକ୍ତ ଅନିଲ କୁମାର ସାମଲ ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ପଦାଧିକାରୀ

| | |
|---|---|
| ୧. ଶ୍ରୀଯୁକ୍ତା ଅନନ୍ୟା ଦାସ | ଆୟୁକ୍ତ |
| ୨. ଶ୍ରୀଯୁକ୍ତ ମନୋଜରଂଜନ ମହାପାତ୍ର | ଯୁଗ୍ମ ଆୟୁକ୍ତ |
| ୩. ଶ୍ରୀମତୀ ସୁମିତା ସରକାର | ଯୁଗ୍ମ ଆୟୁକ୍ତ |
| ୪. ଡ଼ଃ ସତ୍ୟବ୍ରତ ମହାପାତ୍ର | ସ୍ୱାସ୍ଥ୍ୟ ଅଧିକାରୀ |
| ୫. ଶ୍ରୀଯୁକ୍ତ ସୁବାରାଓ ପାତ୍ର | ନଗର ଯନ୍ତ୍ରୀ |
| ୬. ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ଅଧିକ୍ଷଣ ଯନ୍ତ୍ରୀ |
| ୭. ସୁଶ୍ରୀ ସଂଜୀବିତା ରାଏ | ଉପ ଆୟୁକ୍ତ |
| ୮. ଶ୍ରୀଯୁକ୍ତ ଅଜୟ କୁମାର ମହାନ୍ତି | ଉପ ଆୟୁକ୍ତ |
| ୯. ଶ୍ରୀଯୁକ୍ତ ଅମିୟ କୁମାର ପଣ୍ଡା | ଉପ ଆୟୁକ୍ତ |
| ୧୦. ଶ୍ରୀଯୁକ୍ତ ଅମ୍ରୀତ ସରକାର୍ | ଉପ ଆୟୁକ୍ତ |
| ୧୧. ଶ୍ରୀମତୀ ଲତାଶ୍ରୀ ବାଗ | ସଚିବ |
| ୧୨. ଶ୍ରୀମତୀ ଲୁସି ସାଇଁ | ବିତ ଅଧିକାରୀ |
| ୧୩. ଶ୍ରୀଯୁକ୍ତ ଦିବ୍ୟରଂଜନ ତ୍ରିପାଠୀ | ନିର୍ବାହୀ ଯନ୍ତ୍ରୀ |
| ୧୪. ସୁଶ୍ରୀ ଶ୍ୱେତପଦ୍ମା ଶତପଥୀ | ବସ୍ତି ଉନ୍ନୟନ ଅଧିକାରୀ |
| ୧୫. ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ଉପ ନିର୍ବାହୀ ଯନ୍ତ୍ରୀ |

ଅଧିବେଶନ ପ୍ରାରମ୍ଭରେ ପ୍ରଶାସକ ତଥା ଗୃହର ଅଧକ୍ଷ ନିଗମର ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଆସନ୍ତା ପୌର ନିର୍ବାଚନ ନିମେନ୍ତ ୫୯ ଗୋଟି ୱାର୍ଡ଼ର ଆସନ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ

କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆୟୁକ୍ତା ଶ୍ରୀମତୀ ଅନନ୍ୟା ଦାସ, ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରି ୫୯ ଗୋଟି ୱାର୍ଡ଼ର ଆସନ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ନିଗମର ନିର୍ବାଚନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସମ୍ପୁର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ସମସ୍ତ ବିଷୟ ବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବା ସହ ନିମ୍ନଲିଖିତ ନିଷ୍ପତିମାନ ଗ୍ରହଣ କରାଯାଇଥିଲା ।

୧. ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନଥି ସଂଖ୍ୟା-**HUD-ELE-MISC-0028-2021**, ପତ୍ର ସଂ-୦୫, ତା ୦୧.୦୧.୨୦୨୨ରିଖ ନିର୍ଦ୍ଦେଶ ଏବଂ ନିଗମ ନଥି ସଂ- **ELECTION/VGLU-15/2021** ଅନୁଯାୟୀ ୨୦୧୧ ଜନଗଣନା ଆଧାରରେ କଟକ ମହାନଗର ନିଗମର ୱାର୍ଡ଼ ପୁର୍ନଗଠନ ସମ୍ପର୍କରେ ଆୟୁକ୍ତଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ତଥ୍ୟକୁ ଆଲୋଚନା କରାଯାଇ କଟକ ମହାନଗର ନିଗମ ଅଂଚଳର ମୋଟ ଜନସଂଖ୍ୟା ୬,୧୦,୧୮୯ ଆଧାରରେ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଅଧିନିୟମ ୨୦୦୩ର ଧାରା-୬୦, ୬ ଏବଂ ୭ ଅନୁଯାୟୀ ବର୍ତମାନ ନିଗମର ୱାର୍ଡ଼ ସଂଖ୍ୟା-୫୯କୁ ବୃଦ୍ଧି କରାନଯାଇ କାଏମ ରଖାଯିବାକୁ ସ୍ଥିର କରାଗଲା । ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଅଧିନିୟମ ୨୦୦୩ର ଧାରା-୭ ଏବଂ ଓଡ଼ିଶା ପୌର ବିଧି(ସଂଶୋଧନ) ବିଧେୟକ ତା ୩୦.୧୨.୨୦୨୧ରିଖ ଅନୁଯାୟୀ ସମସ୍ତ ୫୯ ଗୋଟି ୱାର୍ଡ଼ର ଆସନ ସଂରକ୍ଷଣର ବିବରଣୀ ନିମ୍ନମତେ ପ୍ରଦାନ କରାଯିବା ସହ ଏହି ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହିତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧. ଅନୁସୂଚିତ ଜାତି (ମହିଳା)-୪, ଅନୁସୂଚିତ ଜାତି-୩
୨. ଅନୁସୂଚିତ ଜନଜାତି (ମହିଳା)-୧
୩. ମହିଳା-୨୫
୪. ଅଣସଂରକ୍ଷିତ-୨୬

-Sd-
**(ଅନିଲ କୁମାର ସାମଲ)**
**ପ୍ରଶାସକ**
**କଟକ ମହାନଗର ନିଗମ**

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

-Sd-
ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିଗମ ର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

-Sd-
ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ..........................ତା..........................

ଏହାର ଏକ କିତା ନକଲ ପ୍ରଶାସକଙ୍କ ସହାୟକ / କମିଶନରଙ୍କ ଷ୍ଟେନୋଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

-Sd-
ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

-Sd-
ଆୟୁକ୍ତ
କଟକ ମହାନଗର ନିଗମ, କଟକ